# ପିଲାଙ୍କ ଧରିତ୍ରୀ

ଶନିବାର, ୧୪ ଅକ୍ଟୋବର, ୨୦୨୩



୩

୭ ଜଣା ଅଜଣା

୮ ଆଇନା

୬ କବିତା

# ଖିଲି ଖିଲି ହସ

ହିନ୍ଦୀ କ୍ଲାସ୍ ଚାଲିଥିବା ସମୟରେ ଶିକ୍ଷକ କହିଲେ- ପିଲାମାନେ! ଏମିତି ଗୋଟିଏ ସ୍ତ୍ରୀ ଲୋକର ନାମ କୁହ ; ଯିଏ କେବେ ହସିନି (ଏକ ଔରତ କା ନାମ ବତାଓ ଯୋ କଭି ନା ହସି ହୋ)। ଛାତ୍ରଙ୍କ ମଧ୍ୟରୁ ରାମୁ କହିଲା- ସାର୍ ମୁଁ କହିବି।
ଶିକ୍ଷକ-କୁହ ?
ଛାତ୍ର-ହସିନା।

ଶିକ୍ଷକ- ରାଜୁ କହିଲୁ, ୫ ରୁ ୫ ଗଲେ କେତେ ହବ ?
ରାଜୁ- ଜାଣିନି ସାର୍।
ଶିକ୍ଷକ ରାଜୁକୁ ବୁଝେଇବାକୁ ଯାଇ...
ଶିକ୍ଷକ-ଆରେ ମୂର୍ଖ ଶୁଣ୍...ତୋ ପାଖରେ ୫ଟା ବରା ଅଛି, ସେ ୫ଟା ବରାକୁ ମୁଁ ନେଇଗଲି। ଆଉ ତୋ ପାଖରେ କ'ଣ ରହିଲା ?
ରାଜୁ- ସାର୍! ଖାଲି ଘୁଗୁନି।

ଶିକ୍ଷକ- କହିଲୁ, 'ମାଇକ୍ରୋସଫ୍ଟ ଏକ୍ସଲ' କହିଲେ କ'ଣ ବୁଝ ?
ଅଜୟ- ସାର୍! ଏତେ ସହଜ ପ୍ରଶ୍ନ। ମୁଁ ତ କେବେ ଭାବି ନ ଥିଲି ଆପଣ ଏଭଳି ପ୍ରଶ୍ନ ପଚାରିବେ ବୋଲି।
ଶିକ୍ଷକ- ହଉ, ଏତେ କଥା କହନି। ଉତ୍ତର ଦେ।
ଅଜୟ-ସାର୍! 'ମାଇକ୍ରୋସଫ୍ଟ ଏକ୍ସଲ' ହେଉଛି 'ଶର୍ଫ ଏକ୍ସଲ'ର ଗୋଟେ ବ୍ରାଞ୍ଚ, ଯାହା କମ୍ପ୍ୟୁଟର୍ ସଫା କରିବାରେ ବ୍ୟବହାର ହୁଏ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ପ୍ରକୃତ ବନ୍ଧୁ

ଗପ



ଜଙ୍ଗଲରେ ହରିଣ, କାଉ, ମୂଷା ଓ କଇଁଛ ମଧ୍ୟରେ ଘନିଷ୍ଠ ବନ୍ଧୁତା ଗଢି ଉଠିଥାଏ। ଏମାନଙ୍କ ବନ୍ଧୁତା ବିଷୟରେ ଜଙ୍ଗଲର ଅନ୍ୟ ପ୍ରାଣୀମାନେ ସବୁବେଳେ କଥାବାର୍ତ୍ତା ହୁଅନ୍ତି।

ଥରେ ଜଣେ ଶିକାରୀ ଜଙ୍ଗଲକୁ ଆସିଥାଏ। ଶିକାରୀ ଆସିବା କଥା ଶୁଣି ସମସ୍ତେ ଚଟାପଟ୍ ସେଠାରୁ ଅଦୃଶ୍ୟ ହୋଇ ନିଜ ନିଜ ସୁବିଧା ଅନୁସାରେ ଲୁଚିଗଲେ। ନିଜର ଧୀର ଚାଲି ଯୋଗୁ କଇଁଛ କିନ୍ତୁ ଶିକାରୀ ହାତରେ ଧରା ପଡ଼ିଗଲା। ଶିକାରୀଟି ଖୁସିରେ ତାକୁ ଧରିନେଇ, ତା' ପାଖରେ ଥିବା ବ୍ୟାଗରେ ପୂରେଇ ଚାଲିବାକୁ ଲାଗିଲା। ସାଙ୍ଗର ଏହି ଦଶା ଦେଖି ଅନ୍ୟ ତିନି ବନ୍ଧୁ କଇଁଛକୁ ଶିକାରୀ ହାତରୁ ରକ୍ଷା କରିବା ପାଇଁ ଉପାୟଟିଏ ପାଞ୍ଚିଲେ। ଚତୁର କୁଆ ଆକାଶରେ ଉଡ଼ି ଉଡ଼ି ଶିକାରୀର ଚଲା ରାସ୍ତା ଉପରେ ନଜର ରଖିଲା। ହରିଣ ନିଜର ଜୀବନକୁ ବାଜି ଲଗାଇ ଶିକାରୀ ପଛରେ ଯାଇ ଗୋଟିଏ ଜାଗାରେ ମଲା ଭଳି ପଡ଼ି ରହିଲା। ଘଞ୍ଚ ଜଙ୍ଗଲ ଭିତରକୁ ଶିକାରୀକୁ ଯିବା ଦେଖି କାଉ କା' କା' ଶବ୍ଦରେ ରାବିବାକୁ ଲାଗିଲା। ଶିକାରୀ ସେଇଠି ଅଟକିଗଲା ଘଟଣା କ'ଣ ଜାଣିବା ପାଇଁ। କାଉର ଉଦ୍ଦେଶ୍ୟ ଥିଲା ଶିକାରୀର ନଜର ହରିଣ ଉପରେ ପଡ଼ୁ। ମଲା ହରିଣଟିକୁ ରାସ୍ତାରେ ପଡିଥିବାର ଦେଖି ଶିକାରୀର ଭାରି ଲୋଭ ହେଲା। ସେ କଇଁଛ ରଖିଥିବା ବ୍ୟାଗକୁ ତଳେ ଥୋଇ ଦେଇ ହରିଣ ପାଖକୁ ଗଲା।

ଶିକାରୀର ଧ୍ୟାନ କଇଁଛଠାରୁ ହଟିବା ଦେଖି ମୂଷା ଚଞ୍ଚଳ ଯାଇ ତା'ର ମୁନିଆଁ ଦାନ୍ତରେ ବ୍ୟାଗକୁ କାଟି ପକେଇଲା। ସୁଯୋଗ ପାଇ କଇଁଛ ବ୍ୟାଗରୁ ବାହାରି ପାଖରେ ବହି ଯାଉଥିବା ନଦୀ ଭିତରକୁ ଚାଲିଗଲା। ତା'ର ଜୀବନ ରକ୍ଷା ପାଇଗଲା। କାଉ ଉପରେ ଥାଇ ଦେଖିଲା କଇଁଛ ଏବେ ସୁରକ୍ଷିତ ଅଛି। ଏବେ ଥିଲା ହରିଣକୁ ଶିକାରୀଠାରୁ ରକ୍ଷା କରିବାର ସମୟ। ଯୋଜନା ମୁତାବକ ଶିକାରୀ ଯେମିତି ହରିଣ ପାଖରେ ପହଞ୍ଚିଛି, କାଉ ପୁଣି ଜୋର ଜୋରରେ କା' କା' ଶବ୍ଦ କରିବା ଆରମ୍ଭ କରିଦେଲା। ହରିଣ ମଲା ଭଳି ପଡ଼ିଥିଲେ ବି ସତର୍କ ଥାଏ, ଆଉ କାଉ ରାବିବାକୁ ଅପେକ୍ଷା କରିଥାଏ। ଯେମିତି କାଉର ରାବ ଶୁଣିଛି, ହରିଣ ଗୋଟିଏ ଡିଆଁରେ ଆଖି ପିଛୁଳାକେ ଉଠିଯାଇ ଜଙ୍ଗଲ ଭିତରେ ଅଦୃଶ୍ୟ ହୋଇଗଲା।

ହଠାତ୍ ଶିକାରୀ ଜାଣିପାରିଲା ନାହିଁ କ'ଣ ସବୁ ଘଟିଗଲା। ହରିଣ ତା' ହାତରୁ ଖସି ଯାଇଛି ଜାଣି ସେ ପୁଣି କଇଁଛ ପାଖକୁ ଫେରି ଆସିଲା। ମାତ୍ର ସେତିକି ବେଳେ କଇଁଛଟି ମଧ୍ୟ ସେଠି ନ ଥିଲା। ନିରାଶ ହୋଇ ଶିକାରୀଟି ଜଙ୍ଗଲ ଛାଡ଼ିବାକୁ ବାଧ ହେଲା। ଚାରି ବନ୍ଧୁଙ୍କ ବୁଦ୍ଧି ଓ ଏକତା ଯୋଗୁ କଇଁଛର ଜୀବନ ବଞ୍ଚିଲା, ଆଉ ଶିକାରୀ ବି ଜଙ୍ଗଲ ଛାଡ଼ି ଚାଲିଗଲା। ଅନ୍ୟ ପ୍ରାଣୀମାନେ ଚାରିସାଙ୍ଗଙ୍କୁ ବହୁତ ଧନ୍ୟବାଦ ଦେଲେ, କାରଣ ଶିକାରୀ ଜଙ୍ଗଲରେ ରହିଥିଲେ ନିତି କୌଣସି ନା କୌଣସି ପ୍ରାଣୀ କିମ୍ବା ପକ୍ଷୀଙ୍କ ହତ୍ୟା କରିଥାନ୍ତା। ପୁରା ଜଙ୍ଗଲକୁ ସୁରକ୍ଷା ଦେଇଥିବାରୁ ସେମାନେ ହରିଣ, ମୂଷା, କାଉ ଓ କଇଁଛକୁ ପ୍ରଶଂସାରେ ପୋତି ପକେଇଲେ। ପୁଣିଥରେ ଜଙ୍ଗଲରେ ସବୁ ପ୍ରାଣୀ ଏକାଠି ମିଳିମିଶି ଖୁସିରେ ରହିଲେ।

କାହାଣୀଠାରୁ ଏହି ଶିକ୍ଷା ମିଳେ ଯେ ବିପଦ ଆସିଲେ ସମସ୍ତେ ଏକଜୁଟ ହୋଇ କାମ କଲେ, ସମସ୍ୟାର ସମାଧାନ ହୋଇଥାଏ। ଏକତା, ସାହସ ଓ ବୁଦ୍ଧି ଥିଲେ ନିଜଠାରୁ ଅଧିକ ଶକ୍ତିଶାଳୀ ଶତ୍ରୁକୁ ମଧ୍ୟ ହରେଇବା ସମ୍ଭବ ହୋଇଥାଏ ।

– **ଶ୍ରୁତକୀର୍ତ୍ତି ତ୍ରିପାଠୀ**
ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ମତାମତ


▸▸ଜଣା ଅଜଣାରେ ପ୍ରକାଶିତ ଅଜବ ଟ୍ରାଫିକ୍ ନିୟମ ବିଷୟରେ ଜାଣିପାରିଲି ।
– ମିଲନ୍ ରାଉତ, କୋରାପୁଟ

▸▸କବିତା ସ୍ତମ୍ଭରେ ପ୍ରକାଶିତ କବିତାଗୁଡ଼ିକ ମନଛୁଆଁ ହୋଇପାରିଛି।
– ଲିଟନ ମହାନ୍ତି, ରାଉରକେଲା

▸▸ଶିଶୁ ପ୍ରତିଭାରେ ତାପସଙ୍କ ବିଷୟରେ ଜାଣିହେଲା। ସେ କିପରି କମ୍ ବୟସରୁ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରି ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି, ସେ ବିଷୟରେ ଜାଣିହେଲା।
– ମୌସୁମୀ ଦାଶ, ନୟାଗଡ଼

▸▸ଆସ ହସିବା, ହସେଇବା ଗଳ୍ପରୁ ଶିଖିବାକୁ ମିଳିଲା ହସିବା ଦ୍ୱାରା ଆମ ଶରୀରରେ ଅନେକ ଲାଭ ମିଳିଥାଏ। ଏଥିପାଇଁ ସମସ୍ତେ ନିଜ ମୁହଁରେ ସବୁବେଳେ ହସ ରଖିବା ଆବଶ୍ୟକ।
– ରଞ୍ଜନ ମହାଳିକ, ଜଗତ୍‌ସିଂହପୁର

## ରଙ୍ଗ ଦିଅ



# ଯେତେ ପୁରୁଣା ସେତେ ଭଲ

**ସମସ୍ତେ ଜାଣନ୍ତି ଯେ ଖାଦ୍ୟ ଅଧିକ ଦିନ ରହିଲେ ତାହା ଧୀରେ ଧୀରେ ଖରାପ ହେବାରେ ଲାଗେ। କିନ୍ତୁ ଏଭଳି କିଛି ଖାଦ୍ୟ ରହିଛି, ଯାହା ଯେତେ ପୁରୁଣା ହୁଏ ସେଥିରେ ସେତେ ଅଧିକ ଔଷଧୀୟ ଗୁଣ ସୃଷ୍ଟି ହୋଇଥାଏ।**

❖ଦେଶୀ ଗାଈ ଘିଅ, ଗୁଡ ଓ ମହୁ ଯେତେ ଅଧିକ ଦିନ ରହେ ସେଥିରେ ସେତେ ଅଧିକ ଔଷଧୀୟ ଗୁଣ ଭରି ରହିଥାଏ।

❖ଦେଶୀ ଘିଅ ଅଧିକ ଦିନ ରହିଲେ ତାହା ଔଷଧ ଭଳି ବ୍ୟବହାର କରାଯାଏ। କିନ୍ତୁ ଏହାକୁ ସିଧାସଳଖ ଖାଦ୍ୟରେ ବ୍ୟବହାର କରାଯାଏନି।

❖ପୁରୁଣା ଘିଅକୁ ନାକରେ ପକାଇଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ। ଏହାକୁ ସିଧାସଳଖ ନାକରେ ନ ପକାଇ ଆଙ୍ଗୁଠି ସାହାଯ୍ୟରେ ନେଇ ଲଗା ଯାଇଥାଏ। ତେବେ ଅନିଦ୍ରା, ଭୟ, ଭୁଲିବା ରୋଗ, ଟିବି ରୋଗ ଭଳି ଅନେକ ସମସ୍ୟାକୁ ଭଲ କରିଥାଏ ପୁରୁଣା ଘିଅ। ଏହା ବ୍ୟତୀତ ଦୃଷ୍ଟିଶକ୍ତି ବୃଦ୍ଧି କରିବା, ପାଚନ ଶକ୍ତି ବୃଦ୍ଧି କରିବା ଏବଂ ଇମ୍ୟୁନିଟି ବଢ଼ାଇବା ପାଇଁ ଏହାର ବ୍ୟବହାର କରାଯାଏ।



❖ଘିଅକୁ ଅନେକ ବର୍ଷ ମାଟି ତଳେ ରଖିବା ପରେ ତାହାକୁ ଲଗାଇ ଏକ୍‌ଜିମା, ସୋରିଆସିସ୍ ଭଳି ଚର୍ମରୋଗ ଅନେକାଂଶରେ ଭଲ ହୋଇଥାଏ।

❖ଆୟୁର୍ବେଦରେ ପୁରୁଣା ଘିଅକୁ ମେମୋରି ଇନ୍‌ହେନ୍‌ସର୍ କୁହାଯାଏ।

❖ସେହିପରି ପୁରୁଣା ମହୁକୁ ମଧ୍ୟ ଓଜନ କମ୍ କରିବା ପାଇଁ ବ୍ୟବହାର କରିହେବ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି। ତେଣୁ ବିଶୁଦ୍ଧ ମହୁକୁ ପୁରୁଣା ହେବା ପରେ ଔଷଧ ଭାବେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ବ୍ୟବହାର କରିହେବ।

❖ବର୍ଷେ କିମ୍ବା ଦୁଇ ବର୍ଷ ପରେ ଗୁଡ ବ୍ୟବହାର କଲେ ତାହା ପୁରୁଣା ହୋଇ ଔଷଧ ଭଳି ହୋଇଥାଏ। ବିଶେଷକରି ୟୁରିନ୍ ସମସ୍ୟାରୁ ଆରୋଗ୍ୟଲାଭ ନିମନ୍ତେ ଏହାକୁ ବ୍ୟବହାର କରାଯାଏ।



ସ୍କୁଲ ହେଉଛି ଏମିତି ଏକ ପାଠଶାଳା, ଯେଉଁଠି ପିଲାମାନେ କେବଳ ବହି ପାଠ ପଢନ୍ତି ନାହିଁ ବରଂ ଜୀବନର ଅନେକ ଶିକ୍ଷା ପାଇଥାନ୍ତି । କିନ୍ତୁ ଶିକ୍ଷକମାନଙ୍କର କାଇଦା କଟକଣା ବିରୋଧରେ ପିଲାମାନଙ୍କର ବେଳେବେଳେ ଅଭିଯୋଗ ରହିଯାଏ। ହେଲେ ଗୁରୁଙ୍କ ଆକଟକୁ ପିଲାମାନେ ସବୁବେଳେ ସକାରାତ୍ମକ ଢଙ୍ଗରେ ଆପଣେଇ ନେଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ।

# ଭଲ ନୁହେଁ ଅଭିଯୋଗ

ସ୍କୁଲରେ ଶିକ୍ଷକମାନଙ୍କର ତାଗିଦ୍ କରିବା ଗୁଣ ସବୁ ପିଲାଙ୍କୁ ଖରାପ ଲାଗେ। କିନ୍ତୁ ସେମାନଙ୍କର ଏଭଳି ଆକଟ ପଛରେ ରହିଥାଏ ସୁନ୍ଦର ଭବିଷ୍ୟତ ଗଢିବାର ଏକ ସୁଯୋଗ। ସେମାନଙ୍କର କୌଣସି ପ୍ରକାର ଗାଳି ଅଥବା କଟକଣାକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରିବା ଦରକାର। ଅବଶ୍ୟ ସ୍କୁଲରେ ପିଲାଙ୍କୁ ମାଡ ମାରିବା ଆଇନ ବିରୁଦ୍ଧ। କିନ୍ତୁ ଭୁଲ୍ କାମ ପାଇଁ ସେମାନେ ତାଗିଦ କରୁଛନ୍ତି। ଶିକ୍ଷକଙ୍କ ଏଭଳି ଆଚରଣ ବିରୋଧରେ ବେଳେବେଳେ କିଛି ପିଲା ଅଭିଯୋଗ କରିବା ପାଇଁ ବି ପଛାନ୍ତି ନାହିଁ। ମାତ୍ର ଅଭିଯୋଗ କରିବାର ଅଭ୍ୟାସକୁ ପିଲାବେଳରୁ ହିଁ ବଦଳାଇ ନେବା ଦରକାର। କୁହାଯାଏ ସାଧାରଣ ପଥରଟିଏ ନିହାଣ ମୁନର ବାରମ୍ବାର ଆଘାତ ସହିବା ପରେ ଦିନେ ସୁନ୍ଦର ମୂର୍ତ୍ତିର ରୂପ ନେଇଥାଏ, ଆଉ ଯାହାର ଆଦର ସବୁଠି ହୋଇଥାଏ। ତେଣୁ ପିଲାମାନେ ମଧ୍ୟ ଜୀବନରେ ଗୁରୁ ଓ ଗୁରୁଜନଙ୍କ କୌଣସି ଆପତ୍ତିକୁ ଭୁଲ୍ ମନେ ନ କରି ଜୀବନର ଶିକ୍ଷାଭାବେ ଗ୍ରହଣ କରିନେଲେ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ।

## ସକାରାତ୍ମକ ଭାବନା

ସ୍କୁଲ ହେଉ ଅବା ଟିଉଶନ ଶିକ୍ଷକମାନଙ୍କର କୌଣସି ପ୍ରକାର ଗାଳି ବା କଡା କଥାକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରିନେବା ଦରକାର। କାହିଁକିନା ପିଲାଙ୍କ ଭବିଷ୍ୟତ ଗଢିବାରେ ସେଇମାନେ ହିଁ ନେଇଥାନ୍ତି ମୁଖ୍ୟ ଭୂମିକା। ସେମାନେ କୌଣସି ପରିସ୍ଥିତିରେ ବି ପିଲାଙ୍କୁ ଭୁଲ ମାର୍ଗରେ ପରିଚାଳିତ କରିବାକୁ ଚେଷ୍ଟା କରି ନ ଥାନ୍ତି। ଗୁରୁଙ୍କ ଉପରେ କାହିଁ କେଉଁ କାଳରୁ ସମାଜର ବିଶ୍ୱାସ ରହିଆସିଛି। ସେଥିପାଇଁ ସେମାନଙ୍କୁ ଭଗବାନଙ୍କ ସହ ତୁଳନା ବି କରାଯାଇଛି। ତେଣୁ ପ୍ରତ୍ୟେକ ଛାତ୍ରୀଛାତ୍ର ଗୁରୁଙ୍କ ବିରୋଧରେ ଚିନ୍ତା କରିବା ମଧ୍ୟ ଭୁଲ ହେବ। ଏମିତିକି ସେମାନଙ୍କର ଦଣ୍ଡକୁ ମଧ୍ୟ ସକାରାତ୍ମକ ଢଙ୍ଗରେ ଗ୍ରହଣ କରିବା ଦରକାର।


## ସାଙ୍ଗସାଥୀଙ୍କ ସହ

ଅଭିଯୋଗ କରିବା ବେଳେବେଳେ କିଛି ପିଲାଙ୍କର ଏକ ପ୍ରବୃତ୍ତି ହୋଇଯାଇଥାଏ। ତେଣୁ ସେମାନେ ପ୍ରତି କଥାରେ ସମସ୍ତଙ୍କ ବିରୋଧରେ ଅଭିଯୋଗ କରିବାର ସୁଯୋଗ ଖୋଜୁଥାନ୍ତି। କିନ୍ତୁ ଶିକ୍ଷକଙ୍କ ବିରୋଧରେ ଏଭଳି ମାନସିକତା ଭଲ ନୁହେଁ ବୋଲି ନିଜେ ବୁଝିବା ସହ ସାଙ୍ଗସାଥୀଙ୍କୁ ବି ବୁଝାଇବା ଦରକାର। ଫଳରେ ଏକ ସକାରାତ୍ମକ ପରିବେଶରେ ପାଠ ପଢିବାର ସୁଯୋଗ ମିଳିବ। ସାଙ୍ଗମାନଙ୍କ ସହ ମିଳିମିଶି ଶିକ୍ଷକଙ୍କର ପ୍ରତି କଥାକୁ ଏମିତିକି ତାଙ୍କର କଟୁକଥା ଅଥବା ଗାଳିକୁ ବି ସମ୍ମାନ ଦେଇପାରିଲେ ପିଲାମାନଙ୍କ ବ୍ୟବହାରରେ ସୁଧାର ଆସିବା ସହ ଭବିଷ୍ୟତ ଉଜ୍ଜ୍ୱଳ ହେବ।

## ବ୍ୟବହାର ପରିବର୍ତ୍ତନ

ବେଳେବେଳେ ପିଲାମାନଙ୍କୁ ମନେହୁଏ କି ଶିକ୍ଷକ ଅବା ସାଙ୍ଗମାନେ ଭୁଲରେ ତା' ବିରୋଧରେ କହୁଛନ୍ତି। ସେଥିପାଇଁ ସେ ତୁରନ୍ତ ଅଭିଯୋଗ ପ୍ରକୋଷ୍ଠ ଖୋଜିବା ପାଇଁ ଚେଷ୍ଟା କରେ। ହେଲେ କାହା ବିରୋଧରେ ଏଭଳି ଅଭିଯୋଗ କରିବା ଗୁଣ ନିଜର ହିଁ କ୍ଷତି କରିଥାଏ। ଶିକ୍ଷକଙ୍କ ବିରୋଧରେ କୌଣସି ପ୍ରକାର ଅଭିଯୋଗ କରିବା ଫଳରେ ସମସ୍ତଙ୍କ ନଜରରେ ପିଲାଟି ତଳକୁ ଖସିଯାଏ। ଆଉ ଯଦି କୌଣସି ସାଙ୍ଗ ବିରୋଧରେ ବି ଅଭିଯୋଗ କରେ ତା'ହେଲେ ସମ୍ପୃକ୍ତ ସାଙ୍ଗ ସହିତ ଅନ୍ୟ ସହପାଠୀମାନେ ବି ଏଭଳି ଗୁଣକୁ ସହଜରେ ଗ୍ରହଣ କରନ୍ତି ନାହିଁ। ଫଳରେ ପିଲାଟି ପାଇଁ ଏକ ନକାରାତ୍ମକ ଦୃଷ୍ଟିକୋଣ ସୃଷ୍ଟି ହୋଇଥାଏ। ତେଣୁ ସବୁବେଳେ କାହା ବିରୋଧରେ କୌଣସି ପ୍ରକାର ଅଭିଯୋଗ କରିବା ବଦଳରେ ପିଲାମାନେ ନିଜ ବ୍ୟବହାରରେ ଥିବା ଭୁଲ ତ୍ରୁଟିକୁ ସୁଧାରିବା ପାଇଁ ଚେଷ୍ଟା କରିବା ହିଁ ଜଣେ ଉତ୍ତମ ଛାତ୍ରର ଲକ୍ଷଣ ହୋଇପାରେ।





## କମ୍ପ୍ଲେନ୍ କରିବା ଭଲ ଗୁଣ ନୁହେଁ

ସ୍କୁଲରେ ଥରେ ଭୁଲରେ ମନିଟର ମୋ ନାଁ ଲେଖି ଦେଇଥିଲା ଆଉ ଆମ କ୍ଲାସ୍ ଟିଚର ମତେ ଗାଳି ଦେଇଥିଲେ। ସେଦିନ ମତେ ଭାରି ଖରାପ ଲାଗିଥିଲା ଆଉ ମୁଁ ଘରକୁ ଆସିବା ବାଟରେ ଭାବିଥିଲି ପ୍ରିନ୍ସିପାଲ ସାର୍‌ଙ୍କ ଆଗରେ ଅଭିଯୋଗ କରିବି। କିନ୍ତୁ ଏକଥା ଆସି ଘରେ ବାବାଙ୍କୁ କହିବା ପରେ ସେ ମତେ ଏପରି କରିବା ପାଇଁ ମନା କରିଥିଲେ। କାହା ବିରୋଧରେ କମ୍ପ୍ଲେନ୍ କରିବା ଗୁଣ ଭଲ ନୁହେଁ ବୋଲି ସେଦିନ କହିଥିଲେ। ସେଥିପାଇଁ ଭଲ ବ୍ୟବହାର



କରିବା ପାଇଁ ସବୁବେଳେ ଚେଷ୍ଟା କରେ। ସତକୁ ସତ କିଛି ଦିନ ପରେ ସେଦିନର ଯିଏ ମନିଟର ହୋଇଥିଲା ସିଏ ମତେ ତା' ବେଷ୍ଟ ଫ୍ରେଣ୍ଡ ବୋଲି କହିଥିଲା। ଆଉ ଆମ କ୍ଲାସ୍ ଟିଚର ବି ମତେ ବହୁତ ଭଲ ପିଲା ବୋଲି ପିଟିଏମ୍‌ରେ କହିଥିଲେ।

**–ସୃଷ୍ଟିସ୍ୱରୂପା ପୁରୀ,** କ୍ଲାସ– ୭, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କଟକ ସଦର, କଟକ

## ଅଭିଯୋଗ ମାନସିକତା ଭୁଲ

କିଛି କଥା ପାଇଁ ବି ସାର୍ ଯଦି ଗାଳି ଦେଉଥିଲେ ଆଗରୁ ଭାରି ବିରକ୍ତ ଲାଗୁଥିଲା। କିନ୍ତୁ ପରେ ଜାଣି ପାରିଥିଲି ଯେ ସାର୍ ମତେ ବହୁତ ଭଲ ପାନ୍ତି ଆଉ ମୋର ଭଲ ପାଇଁ ହିଁ ସେ ସବୁବେଳେ ମତେ କୁହନ୍ତି। ଥରେ ସାର୍ ମୋ କଥା ଉଦାହରଣ ଦେଇ ଅନ୍ୟ ପିଲାଙ୍କୁ ମୋ ଭଳି ହେବା ପାଇଁ କହିଥିଲେ। ମୋର ଭଲ ଗୁଣକୁ କ୍ଲାସ୍‌ରେ



ସମସ୍ତଙ୍କ ଆଗରେ ପ୍ରଶଂସା କରିଥିଲେ। ତା' ପରଠାରୁ ଜାଣିଥିଲି ଯେ ସାର୍ ପ୍ରକୃତରେ ବହୁତ ଭଲ। ଖାଲି ସାର୍ ନୁହନ୍ତି କ୍ଲାସ୍‌ରେ କୌଣସି ପିଲାଙ୍କ ବିରୋଧରେ କେବେ ବି ଅଭିଯୋଗ କରିନି। ବରଂ ସାଙ୍ଗମାନେ ମିଶି ସବୁ ସମସ୍ୟା ସମାଧାନ କରିବା ପାଇଁ ଚେଷ୍ଟା କରୁ। ଅଭିଯୋଗ କରିବାର ମାନସିକତା ପ୍ରକୃତରେ ଭୁଲ୍ ବୋଲି ବୁଝିସାରିଛି।

**– ଅନିନ୍ଦ୍ୟ ଅରିନ୍ଦମ୍,** କ୍ଲାସ– ୯, ଶ୍ରୀମଦ ଭଗବଦ୍ ଗୀତା ବିଦ୍ୟାମନ୍ଦିର, ଆଇଆରସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର

# ତୁମ ତୂଳୀରୁ

୧

**ପ୍ରାଶୁଂଲ ଦାସ**
କ୍ଲାସ- ୧, ସେଣ୍ଟ ଯୋଶେଫ ସ୍କୁଲ, ଭୁବନେଶ୍ୱର

୨

**ଶୁଭସ୍ମିତା ରାଉତ**
କ୍ଲାସ- ୩, ମହତାବ ଉଚ୍ଚ ବିଦ୍ୟାଳୟ, ମଙ୍ଗଳପୁର, ଯାଜପୁର

୩

**ସେଲଭି ସରନ୍ୟା ଦାସ**
କ୍ଲାସ-୩, କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦ୍ରାପଡ଼ା

୪

**ଦୀଶା ସାମଲ**
କ୍ଲାସ- ୪, ଭେଙ୍କଟେଶ୍ୱର ସ୍କୁଲ, ଯାଜପୁର ଟାଉନ, ଯାଜପୁର

୫

**ଜଗତଜ୍ୟୋତି ବେହେରା**
କ୍ଲାସ- ୬, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

୬

**ଜ୍ୟୋତିକ୍ରିଷ୍ଣା ପୃଷ୍ଟି**
କ୍ଲାସ-୬, ଚୁଳିଆପୋଷି, ଉଦଳା, ମୟୂରଭଞ୍ଜ

୭

**ଶ୍ରେୟାଶ ସ୍ୱାଇଁ**
କ୍ଲାସ- ୪, ବିବେକାନନ୍ଦ ପବ୍ଲିକ ସ୍କୁଲ, ବାଙ୍କି, କଟକ

୮

**ଆର୍ଯ୍ୟ ଅଂଶୁମାନ ଦାଶ**
କ୍ଲାସ- ୬, କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ, ଶରଣକୂଳ, ନୟାଗଡ଼

୯

**ଉପମିତା ଦାସ**
କ୍ଲାସ- ୨, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପଡା, ଯାଜପୁର


୧



୨



୮


୩


୪


୯


୫


୬


୭

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ହଟ୍ ଚକୋଲେଟ୍ ପାର୍ଟି

ଖୁସି ମନେଇବା ପାଇଁ ବିଭିନ୍ନ ପ୍ରକାର ପାର୍ଟି ଆୟୋଜନ କରାଯାଇଥାଏ। କିନ୍ତୁ ରେକର୍ଡ କରିବା ପାଇଁ ପାର୍ଟି ଆୟୋଜନ କରାଯିବା କଥାଟା ହୁଏତ ଟିକିଏ ଅଡୁଆ ଲାଗିପାରେ। କିନ୍ତୁ ଏମିତି ଏକ ଆକର୍ଷଣ ବି କେତେକଙ୍କୁ କିଛି ଭିନ୍ନ କରିବା ପାଇଁ ପ୍ରେରଣା ଦେଇଥାଏ। ଠିକ୍ ଯେମିତି ହଟ୍ ଚକୋଲେଟ୍ ପାର୍ଟି। ମେକ୍ସିକୋର ସାନ୍କି ମେୟର କମ୍ପାନୀ ଏକ ପାର୍ଟି ଆୟୋଜନ କରି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଏହି କମ୍ପାନୀ ୨୦୧୭ ମସିହାରେ ତା'ର ସପ୍ତମ ବାର୍ଷିକ ଉତ୍ସବ ପାଳନ କରିବା ଅବସରରେ ବିଶ୍ୱର ସର୍ବବୃହତ୍ ହଟ୍ ଚକୋଲେଟ୍ ପାର୍ଟି ଆୟୋଜନ କରିଥିଲା। ପାର୍ଟିର ନିୟମ ଅନୁସାରେ ସେଥିରେ ଯୋଗ ଦେଇଥିବା ସମସ୍ତ ଅଂଶଗ୍ରହଣକାରୀ ଅଧଘଣ୍ଟା ରହି ହଟ୍ ଚକୋଲେଟ୍ ସହିତ ଅନ୍ୟ ଖାଦ୍ୟର ମଧ୍ୟ ମଜା ନେଇଥିଲେ। ତେବେ ଏଭଳି ଏକ ଭିନ୍ନ ପାର୍ଟିରେ ସେତେବେଳେ ୨,୧୦୬ ଜଣ ଯୋଗ ଦେଇଥିଲେ।

## କ ବି ତା



### କି ସୁନ୍ଦର ବେଶ

ବରଷାର ଦାଉ କମିଲାଣି
ନଈପଠା ବିଲ, ହିଡ଼ କଡ଼େ କଡ଼େ
କାଶତଣ୍ଡୀ ଏବେ ହସିଲାଣି।
ଧୋବ ଫର ଫର ଝଟକୁଛି
ପଥିକ ଘଡ଼ିଏ ଅଟକୁଛି
କି ସୁନ୍ଦର ବେଶେ, ମନକୁ ଭୁଲାଇ
କେତେ ଯେ ଭାବନା ଜୁଟୁଛି।
ବାଟଘାଟ ସଫା ଦିଶିଲାଣି
ଫୁଲ ଫୁଟି ବାସ ବାସିଲାଣି
ଆକାଶର ସାଥେ,ସବୁଜ ଧରଣୀ
ଆହାକି ବଢ଼ିଆ ମିଶିଲାଣି।
କି ସୁନ୍ଦର ବେଶ ଶରତର
ଗାଡ଼ି ଘୋଡ଼ା ଯାଏ ସରସର
ବୁଝି ଶୁଝି ଆମେ,କାମ କରୁଥିଲେ
ହେବା ନାହିଁ କେବେ ହରବର।
**– କୀର୍ତ୍ତନ ସାହୁ**
ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧



କୁମାରୀଗଣ ଆନନ୍ଦ ମନ
ଜହ୍ନିଓଷାର ପାଳନେ,
ତୁଳସୀ ମୂଳେ ସାୟଂ କାଳରେ
କମ୍ପେ ହୁଳହୁଳି ସ୍ୱନେ।
ସିଂହବାହିନୀ ଧର୍ମ ସ୍ଥାପିନୀ
ପାର୍ବଣ କେତେ ସୁନ୍ଦର,
ଅପୂର୍ବ ତୋର ଶରତ ପରା
ନାହିଁ ତା'ର ପଟ୍ଟାନ୍ତର।
**– ସନ୍ତୋଷ କୁମାର ଅଦାବର**
ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ: ୯୭୭୭୯୧୦୭୨୮

### ଶରତ ଆସିଛି

ବରଷା ଅନ୍ତେ ଧରାରେ ଶାନ୍ତେ
ଆସିଛି ରାଣୀ ଶରତ,
ଉଷୁମ ନୁହେଁ ଥଣ୍ଡା ବି ନୁହେଁ
ଅପୂର୍ବ ଶୋଭା ଜଗତ।
ଧବଳ ବର୍ଣ୍ଣ ହୀରା ସମାନ
କାଶତଣ୍ଡୀ ଶୋଭାପାଏ,
ଖେତରେ ଧାନ ସ୍ୱର୍ଣ୍ଣ ଯେସନ
ଚାଷୀ ମନ ମୋହିନିଏ।
ଅମ୍ବରେ ନୀଳ ମେଘର ମାଳ
ଝୁଲିଥାଇ ଆନନ୍ଦରେ,
ପୋଖରୀ ଜଳେ କଇଁ, କମଳ
ହସିଦିଏ ନୀରବରେ।

### ମାମୁ ତ ମାମୁ

ମାମୁ ତ ମାମୁ ଜହ୍ନମାମୁ ସେ
ଆକାଶେ ଅଛି ରହି
ସଭିଏଁ ତାଙ୍କୁ ଡାକନ୍ତି ମାମୁ
ପିଲାଠୁ ବୁଢ଼ା ତହିଁ।
ପିଲାଟି ଯେବେ ଅଝଟ ହୁଏ
କୋଳେ ଧରିଣ ମାଆ
କହଇ ତାକୁ ଦୁଷ୍ଟ ହଅନା
ଏଇତ ମାମୁ ପରା।
ଡାକିବି ତାକୁ ଆସିବ ସିଏ
କରିବ ତୋତେ ଗେଲ
ବୁଲାଇ ନେବ ପିଠିରେ ତା'ର
ଦେଖିବୁ ନଈ ନାଳ।
କହିବ କେତେ କାହାଣୀ ତୋତେ
ମନ ଦେଇ ଶୁଣିବୁ
କେମିତି ସିଏ ଆଲୋକ ଦିଏ
ପଚାରି ତାକୁ ବୁଝିବୁ।
ରାଗିବୁ ନାହିଁ ତା' ଉପରେ
ମାମୁ ଯେ ଅଟେ ତୋର
ଚନ୍ଦ୍ରପୃଷ୍ଠକୁ ଯିବୁ ତା' ସାଥେ
କରିବୁ ସେଠି ଘର।
**– ବ୍ରଜେଶ୍ୱରୀ ମିଶ୍ର**
ଯାଜପୁରରୋଡ, ଯାଜପୁର
ମୋ: ୯୪୩୮୪୭୧୪୧୧

### ଶରତ ଶୋଭା ସମ୍ଭାର

କାଶତଣ୍ଡୀ ଫୁଲ ହସେ ନଈପଠା
ପଦ୍ମ, କଇଁ ଫୁଲେ ପୋଖରୀ ହସେ,
କଳା ବଉଦକୁ ଦୂରେ ଠେଲିଦେଇ
ଧଳା ମେଘମାଳା ଗଗନେ ଭାସେ।
ଚଉଦିଗ ଦିଶେ ଫରଚା ଫରଚା
ସଧୀରେ ବହୁଚି ମୃଦୁ ସମୀର,
ଶରତର ଶୋଭା କି ଉପମା ଦେବା
ସୁଶୋଭିତ ଏବେ ସାରା ସଂସାର।
ନୀଳ ନଭ କୋଳେ ରୁପା-ଜହ୍ନ ଦେଖି
କୁମାରୀ ଗାଆନ୍ତି ଆନନ୍ଦେ ଗୀତ,
ମା'କୋଳେ ଦେଖି ଶରଦଶଶୀକୁ
ଅଝଟ ଶିଶୁଟି ହୁଅଇ ପ୍ରୀତ।
ବିଜେ ହେବେ ବୋଲି ଜଗତ ଜନନୀ
ମୁଖରିତ ଏବେ ମରତ ଭୂଇଁ,
ଶୋଭାର ସମ୍ଭାର ସଜାଡ଼ି ପ୍ରକୃତି
ଜାଗ୍ରତ ମାତାଙ୍କ ସ୍ୱାଗତ ପାଇଁ।
**– ମାଧବୀଲତା ଦେଈ**
ଶ୍ରୀମୁଖ, ନିମାପଡ଼ା, ପୁରୀ
ମୋ: ୯୬୯୨୪୮୩୩୭୭

## ଏଥରର

- ମଣିଷର କାନରେ କେତେଖଣ୍ଡ ହାଡ଼ ଅଛି ?
- ଶରୀରର କେଉଁ ଅଙ୍ଗ ଜନ୍ମରୁ ହିଁ ପୂର୍ଣ୍ଣ ବିକଶିତ ହୋଇଥାଏ ?
- କେଉଁ ଦେଶରେ ସର୍ବାଧିକ ଦ୍ୱୀପ ରହିଛି ?
- ଅକ୍ଟୋପସ୍‌ର କେତୋଟି ହାର୍ଟ ଅଛି ?
- କାନାଡାର ରାଜଧାନୀର ନାମ ?

## ଗତଥରର

- ସିଂହ
- ଗୋଆ
- ତେହରି ଡ୍ୟାମ୍
- କିଡ୍‌ନୀ
- ଡେରାଡୁନ୍



## କହିଲ ଦେଖି



କଳାମେଘ ଦେଖି ଖୁସିରେ ଯିଏ
ପୁଚ୍ଛଟେକି ନାଚେ କୁହ ସେ କିଏ
ନାଆଁଟି ତା'ର ତିନି ଅକ୍ଷର
ଜାତୀୟ ପକ୍ଷୀସେ ଅଟେ ଆମର !

**ଉତ୍ତର :– ମୟୂର**



ଭୋ ଭୋ ଭୁକି ଦିଏ କମ୍ପାଇ
ଘର ଜଗିଥାଏ ବିଶ୍ୱସ୍ତ ହୋଇ
ଶୁଙ୍ଘି ଶୁଙ୍ଘି ସିଏ ଧରଇ ଚୋର
କିଏ ସିଏ ଟିକେ ଜଲ୍‌ଦି କୁହ !

**ଉତ୍ତର :– କୁକୁର**



କଅ କ ଅ ଡାକି ନିଦରୁ ସିଏ
ସକାଳୁ ସଭିଙ୍କୁ ଉଠାଇ ଦିଏ
ନାଆଁଟି ତା'ର ତିନି ଅକ୍ଷର
ଅଣ୍ଡାଟି ତାହାର ଖାଦ୍ୟରେ ସାର !

**ଉତ୍ତର : କୁକୁଡ଼ା**




ଛୋଟ ପିଲାଙ୍କର ମାଉସୀ ସିଏ
ମିଆଁଉ ମିଆଁଉ ବୋବାଉ ଥାଏ
ମୂଷାଙ୍କର ଯମ ଜାଣେ ସଂସାର
କୁହ ପିଲେ ତା' ନାଁଆଟି କିସ !

**ଉତ୍ତର : ବିଲେଇ**

**– ଜଗଦୀଶ ସାହୁ**
ସଞ୍ଜପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

# ଏସିଡ୍ ବର୍ଷା

ବିଶ୍ୱର ପ୍ରାୟ ସବୁ ଶକ୍ତିଶାଳୀ ଦେଶ ମହାକାଶକୁ ମହାକାଶଯାନ ପଠାଇ ସାରିଛନ୍ତି। ଏପରି କି ମଣିଷ ମହାକାଶକୁ ଯାଇ ଫେରିଆସିଛି। ଏହି ତାଲିକାରେ ମଧ୍ୟ ରହିଛି ଲାଇକା ନାମକ କୁକୁରର ନାମ। କିନ୍ତୁ ଶୁକ୍ର ଗ୍ରହରେ କେବଳ ଗୋଟିଏ କାରଣ ଲାଗି କେହି ବି ପହଞ୍ଚି ପାରିନାହାନ୍ତି। କାରଣ ଏହି ଗ୍ରହରେ ସବୁଠାରୁ ଅଧିକ ଅମ୍ଳିୟ ବର୍ଷା (ଏସିଡ୍ ବର୍ଷା) ହୋଇଥାଏ। ଏହି ବର୍ଷାରେ ସଲ୍‌ଫ୍ୟୁରିକ୍ ଏସିଡ୍ ଭରି ରହିଥାଏ। ଏକ ଗବେଷଣାରୁ ଜଣାପଡିଛି ଯେ, ସଲ୍‌ଫ୍ୟୁରିକ୍ ଏସିଡ୍‌ର ସାନ୍ଦ୍ରତା ୭୦-୯୯% ମଧ୍ୟରେ ରହିଥାଏ। ଏହି ଗ୍ରହର ବାୟୁମଣ୍ଡଳରେ ସଲଫର ଡାଇଅକ୍ସାଇଡ୍ ଭରି ହୋଇ ରହିଛି। ଏହାର ସାନ୍ଦ୍ରତା ମଧ୍ୟ ଅନ୍ୟ ଗ୍ରହମାନଙ୍କଠାରୁ ବେଶୀ। ଏହି ଗ୍ରହର ପୃଷ୍ଠ ଦେଶର ତାପମାତ୍ରା ପ୍ରାୟ ୪୬୭ ଡିଗ୍ରୀ ସେଲସିୟସ୍। ଏହାବ୍ୟତୀତ ସେଠାରେ ସଲଫ୍ୟୁରିକ ଏସିଡ୍‌ର ତାପମାତ୍ରା ୩୦୦ ଡିଗ୍ରୀ। ଏହି ଦୁଇଟିର ମିଶ୍ରଣ ବାୟୁମଣ୍ଡଳକୁ ଏତେ ଉତ୍ତପ୍ତ କରିଦିଏ ଯେ ଯଦି ସେଠାକୁ କୌଣସି ମଣିଷ ଯିବ ତେବେ ସେ ନିମିଷକ ମଧ୍ୟରେ ବାଷ୍ପ ହୋଇଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶୁକ୍ର ଗ୍ରହରେ ଏହି ଅମ୍ଳୀୟ ବର୍ଷାର ପ୍ରକୋପ ବେଶ୍ ଭୟଙ୍କର। କାରଣ ଏହି ବର୍ଷା ଏତେ ଉତ୍ତପ୍ତ ଯେ, ତାହା ପ୍ରଭାବ ପ୍ରାୟ ୩୦୦୦୦ ମିଟର (୯୮,୪୨୫ ଫୁଟ) ଉଚ୍ଚତା ପର୍ଯ୍ୟନ୍ତ ଅନୁଭୂତ ହୋଇଥାଏ।





# ଦାମୀ ପଦାର୍ଥ

ଯେତେବେଳେ କୌଣସି ଦାମୀ ପଦାର୍ଥ ଉପରେ କଥା ଆସେ, ସେତେବେଳେ ମନକୁ ଆସେ ସୁନା। ଏକ ଗ୍ରାମ୍ ସୁନା କିଣିବାକୁ ବହୁତ ଟଙ୍କା ଲାଗୁଥିବା ବେଳେ ଏହାଠୁ ଅଧିକ ପ୍ଲାଟିନମ୍ କଥା ମନକୁ ଆସେ। ସୁନା ପ୍ଲାଟିନମ୍‌ଠାରୁ ଆହୁରି ବି ଏମିତି କେଉଁ ପଦାର୍ଥ ରହିଛି, ଯାହାର ଦାମ୍ ଏମାନଙ୍କଠୁ ବି ଅଧିକ। ଯଦି ସୁନାଠାରୁ ଦାମୀ ପଦାର୍ଥ ବିଷୟରେ କୁହାଯାଏ ତେବେ ନାଁ ଆସିବ ରୋଡିୟମ୍, ପେଲାଡିୟମ୍, ଇରିଡିୟମ୍, ଜେଡାଇଟ୍ ଭଳି କେତୋଟି ପଦାର୍ଥ। ଏହା ସହିତ ଏମିତି କେତେକ ଖଣିଜ ପଦାର୍ଥ ରହିଛି, ଯାହା ସିଧାସଳଖ ବ୍ୟବହାର ହୋଇ ନ ଥାଏ। କେତେକ ରିପୋର୍ଟରେ ରୋଡିୟମ୍ ଦାମୀ କୁହାଯାଉଥିବା ବେଳେ ଆଉ କେତେକ ଜେଡାଇଟ୍ ସବୁଠାରୁ ଦାମୀ ବୋଲି ମତ ଦିଅନ୍ତି।



ଜେଡାଇଟ୍ ଏକ ପ୍ରକାର ପଥର । ଏହାର ରଙ୍ଗ ହାଲୁକା ସବୁଜ ରଙ୍ଗ। କେତେକ ଦାମୀ ଅଳଙ୍କାରରେ ଏହାକୁ ବ୍ୟବହାର କରାଯାଉଛି। ଏହାର ଦାମ୍ କ୍ୟାରେଟ୍ ହିସାବରେ ନିର୍ଦ୍ଧାରଣ କରାଯାଏ। କିନ୍ତୁ ପ୍ରତି କ୍ୟାରେଟ୍‌ର ଦାମ୍ ବହୁତ ଅଧିକ ହୋଇଥାଏ। କେତେକ ରିପୋର୍ଟରେ ଦର୍ଶାଯାଉଛି ଯେ, ଏକ କ୍ୟାରେଟ୍ ଜେଡାଇଟ୍‌ର ଦାମ୍ ପ୍ରାୟ ୩ମିଲିୟନ୍ ଡଲାରଠୁ ବି ଅଧିକ ହୋଇଥାଏ। ଏପରିକି ଆପଣଙ୍କୁ ଗୋଟିଏ ଷ୍ଟୋନ ଲାଗି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବାକୁ ପଡିପାରେ।



# ନୋବେଲ ପୁରସ୍କାର ରାଶି

ବିଶ୍ୱ ସ୍ତରରେ ମିଳୁଥିବା ସମ୍ମାନଜନକ ପୁରସ୍କାର ମଧ୍ୟରେ ନୋବେଲ ଅନ୍ୟତମ। ଏହି ପୁରସ୍କାର ପଦାର୍ଥ ବିଜ୍ଞାନ (ଫିଜିକ୍ସ), ରସାୟନ ବିଜ୍ଞାନ (କେମେଷ୍ଟ୍ରି), ଭେଷଜ ବିଜ୍ଞାନ (ମେଡିସିନ୍), ସାହିତ୍ୟ (ଲିଟରେଚର) ,ଅର୍ଥନୀତି(ଇକୋନିମିକ୍ସ) ଏବଂ ଶାନ୍ତି (ପିସ୍) କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ସଂପୃକ୍ତ ମନୋନୀତ ବ୍ୟକ୍ତିବିଶେଷଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଏ। ନୋବେଲ ପୁରସ୍କାରର ସ୍ରଷ୍ଟା ଆଲଫ୍ରେଡ୍ ନୋବେଲଙ୍କ ଜନ୍ମଦିନ ଅବସରରେ(ଡିସେମ୍ବର ୧୦) ଏହି ପୁରସ୍କାର ପ୍ରଦାନ କରାଯାଏ। ଏଥିଲାଗି ଏକ ସାର୍ଟିଫିକେଟ୍, ମେଡାଲ ଏବଂ ଟଙ୍କା ମଧ୍ୟ ପ୍ରଦାନ କରାଯାଏ। ପ୍ରଥମେ ଯେତେବେଳେ ନୋବେଲ ପୁରସ୍କାର ଦିଆଯାଇଥିଲା, ସେତେବେଳେ ଏହି ରାଶି ଥିଲା ୧୧ଲକ୍ଷ ଟଙ୍କା। ବର୍ତ୍ତମାନ ଯେଉଁମାନେ ନୋବେଲ ବିଜେତା ହେଉଛନ୍ତି ସଂପୃକ୍ତ ବ୍ୟକ୍ତିଙ୍କୁ ପ୍ରାୟ ୮ କୋଟିରୁ ଅଧିକ ରାଶି ମିଳୁଛି।



ଆଲଫ୍ରେଡ୍ ନୋବେଲ



# ଆ ଇ ନା

ରାଜନନ୍ଦିନୀ ସେନାପତି
୯ ବର୍ଷ, କଟକ





ପ୍ରିୟାଂଶୁ ଷଡ଼ଙ୍ଗୀ
୭ ବର୍ଷ, କଟକ